# NATIONAL NEWS BULLETIN (ODIA)

**2 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସତୀଶ ଧାବନ ମହାକାଶ କେନ୍ଦ୍ରରୁ ଆଜି ସନ୍ଧ୍ୟାରେ ଭାରତର ଭାରି ଯୋଗାଯୋଗ ଉପଗ୍ରହ ସିଏମ୍‌ଏସ୍-୦୩ର ଉତ୍କ୍ଷେପଣ କରିବ ଇସ୍ରୋ
- ବିକଶିତ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଛାତ୍ରଛାତ୍ରୀମାନଙ୍କର ସମାନ ଯୋଗଦାନ ଉପରେ ଗୁରୁତ୍ୱାରୋପ କଲେ ରାଷ୍ଟ୍ରପତି
- ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ପ୍ରମୁଖ ଦଳଗୁଡ଼ିକ ପକ୍ଷରୁ ପ୍ରଚାର ଅଭିଯାନ ଜାରି
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ନୂଆଦିଲ୍ଲୀରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ ସମ୍ମିଳନୀ-୨୦୨୫କୁ କରିବେ ଉଦ୍‌ଘାଟନ
- ଆକାଶବାଣୀ ସଙ୍ଗୀତ ସମ୍ମେଳନର ୬୭ତମ ସଂସ୍କରଣ ଆଜିଠାରୁ ଆରମ୍ଭ

ଏବଂ

- ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍-୨୦୨୫ର ଫାଇନାଲ୍‌ରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ ମ୍ୟାଚ୍

## ଇସ୍ରୋ-ସିଏମ୍‌ଏସ୍-୦୩

ଭାରତୀୟ ମହାକାଶ ଗବେଷଣା ସଂଗଠନ-ଇସ୍ରୋ ଆଜି ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶଧାବନ ମହାକାଶ କେନ୍ଦ୍ରରୁ ଭାରତର ସବୁଠାରୁ ଭାରି ଯୋଗାଯୋଗ ଉପଗ୍ରହ ସିଏମ୍‌ଏସ୍-୦୩ (ଜିସାଟ୍-୭ଆର୍)ର

ଉତ୍କ୍ଷେପଣ କରିବ । ନୌସେନାର ଯୋଗାଯୋଗକୁ ବୃଦ୍ଧି କରିବା ଏବଂ ଦୂରଦୂରାନ୍ତ ଅଞ୍ଚଳରେ ଡିଜିଟାଲ୍ ସଂଯୋଗୀକରଣର ସଂପ୍ରସାରଣ ଏହି ଅଭିଯାନର ଲକ୍ଷ୍ୟ ରହିଛି । ସିଏମ୍ଏସ୍-୦୩କୁ ଭାରତର ସବୁଠାରୁ ଶକ୍ତିଶାଳୀ ରକେଟ୍ ଏଲ୍.ଭି.ଏମ୍.-୩ ଲଞ୍ଚରରୁ ଉତ୍କ୍ଷେପଣ କରାଯିବ । ଏହି ଉପଗ୍ରହ ଏକ ମଲ୍ଟି ବ୍ୟାଣ୍ଡ୍ ସାମରିକ ଯୋଗାଯୋଗ ପ୍ରଣାଳୀ, ଯାହା ଭଏସ୍, ଡାଟା ଏବଂ ଭିଡିଓ ଲିଙ୍କ୍ ପାଇଁ ଟ୍ରାନ୍ସପଣ୍ଡର ବହନ କରେ ।

---

## ପ୍ରେଜ୍ - ଉତ୍ତରାଖଣ୍ଡ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତରାଖଣ୍ଡକୁ ଆଜିଠାରୁ ତିନିଦିନିଆ ଗସ୍ତରେ ଯାଇଛନ୍ତି । ରାଷ୍ଟ୍ରପତି ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ କହିଛନ୍ତି, ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ହେଲେ ଉଭୟ ଛାତ୍ରଛାତ୍ରୀଙ୍କର ସମାନ ଯୋଗଦାନ ରହିବା ଆବଶ୍ୟକ ।

**V/O (Prez)**

ହରିଦ୍ୱାରରୁ ରାଷ୍ଟ୍ରପତି ଡେରାଡୁନ୍ ଯାଇ ରାଜପୁର ରୋଡ୍‌ରେ ଏକ ଫୁଟ୍ ଓଭର୍‌ବ୍ରିଜ୍‌ର ଉଦ୍‌ଘାଟନ କରିବା ସହ ରାଷ୍ଟ୍ରପତି ନିକେତନଠାରେ ଅନ୍ତର୍ଜାତୀୟ ସାହିତ୍ୟ, ସଂସ୍କୃତି ଏବଂ କଳା ଉତ୍ସବର ଅଂଶଗ୍ରହଣକାରୀମାନଙ୍କ ସହିତ ବାର୍ତ୍ତାଳାପ କରିବେ । ପୂର୍ବରୁ ରାଷ୍ଟ୍ରପତି ଡେରାଡୁନ୍‌ର ଜଲିଗ୍ରାଣ୍ଟ ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ ଗୁରୁମିତ୍ ସିଂ ଏବଂ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡେରାଡୁନ୍‌ରେ ଉତ୍ତରାଖଣ୍ଡର ରୌପ୍ୟ ଜୟନ୍ତୀ ଅବସରରେ ବିଧାନସଭାକୁ ସମ୍ବୋଧନ କରିବେ । ନୈନିତାଲ୍‌ଠାରେ

ରାଜଭବନ ସ୍ଥାପନର ୧୨୫ ବର୍ଷ ପୂର୍ତ୍ତି ଉତ୍ସବରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ଦିନ ରାଷ୍ଟ୍ରପତି କାଞ୍ଚିଧାମର ନିମ୍ କରୋଲି ବାବା ଆଶ୍ରମ ପରିଦର୍ଶନ କରିବା ସହ କୁମାଉଁ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ।

## ପିଏମ୍-ଇଏସ୍‌ଟିଆଇସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଉଦୀୟମାନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ ସମ୍ମିଳନୀ-ଇଏସ୍‌ଟିଆଇସି ୨୦୨୫ ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶରେ ଗବେଷଣା ଏବଂ ବିକାଶ ଇକୋ ସିଷ୍ଟମ୍ ବୃଦ୍ଧି କରିବା ପାଇଁ ୧ ଲକ୍ଷ କୋଟି ଟଙ୍କାର ଗବେଷଣା, ବିକାଶ ଏବଂ ନବସୃଜନ ଯୋଜନା ପାଣ୍ଠିର ଶୁଭାରମ୍ଭ କରିବେ । ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏହି ୩ ଦିନିଆ ସମ୍ମିଳନୀ ଚଳିତମାସ ୫ ତାରିଖରେ ଶେଷ ହେବ । ଇଏସ୍‌ଟିଆଇସି ୨୦୨୫ରେ ଶିକ୍ଷାନୁଷ୍ଠାନ, ଗବେଷଣା ପ୍ରତିଷ୍ଠାନ, ଶିଳ୍ପ ଏବଂ ସରକାରୀ କ୍ଷେତ୍ରର ୩ ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗଦେବେ । ସମ୍ମିଳନୀରେ ଆଲୋଚନା, ଉପସ୍ଥାପନା ଏବଂ ପ୍ରଯୁକ୍ତିବିଦ୍ୟା ଆଦି ପ୍ରଦର୍ଶିତ ହେବ, ଯାହା ଭାରତର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ପାଇଁ ଗବେଷକ, ଶିଳ୍ପ ଏବଂ ଯୁବ ଉଦ୍‌ଭାବକଙ୍କ ମଧ୍ୟରେ ସହଯୋଗ ପାଇଁ ଏକ ମଞ୍ଚ ପ୍ରଦାନ କରିବ ।

## ବିହାର-କ୍ୟାମ୍ପେନ୍

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ନିର୍ବାଚନ ପ୍ରଚାର ଜୋରସୋରରେ ଚାଲିଛି । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ଏବଂ ମହାଗଠବନ୍ଧନର ଷ୍ଟାର୍ ପ୍ରଚାରକମାନେ ରାଜ୍ୟ ବ୍ୟାପୀ ର୍ୟାଲି ଓ

ସାଧାରଣସଭାଗୁଡ଼ିକୁ ସମ୍ବୋଧିତ କରୁଛନ୍ତି । ଜନତା ଦଳ ୟୁନାଇଟେଡ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମୁଙ୍ଗେର ଜିଲ୍ଲାର ତାରାପୁରରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରି କହିଛନ୍ତି, ଆର୍‌ଜେଡି ବଂଶବାଦ ରାଜନୀତିରେ ବିଶ୍ୱାସ କରୁଥିବାରୁ ବିହାରର ବିକାଶ କେବେ ବି ସମ୍ଭବ ହୋଇପାରିବ ନାହିଁ । ମହାଗଠବନ୍ଧନର ନିର୍ବାଚନ ଇସ୍ତାହାର କେବଳ ଲୋକଙ୍କୁ ଭ୍ରମିତ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି ।

ଇତିମଧ୍ୟରେ କଂଗ୍ରେସ ନେତା ଏବଂ ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ପାଟନାରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନୀତିଶ କୁମାର ୨୦ ବର୍ଷ ଧରି ବିହାରରେ ଶାସନ କରିଛନ୍ତି । ରାଜ୍ୟର ଦୁର୍ବଳ ଆର୍ଥିକ ଅବସ୍ଥା ଏବଂ ଅନଗ୍ରସରତା ପାଇଁ ଏନ୍‌ଡିଏ ସଂପୂର୍ଣ୍ଣ ଭାବେ ଦାୟୀ ବୋଲି ସେ ଅଭିଯୋଗ କରିଛନ୍ତି ।

ଆଜି ବିଜେପିର ଷ୍ଟାର ପ୍ରଚାରକ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଜପୁର ଏବଂ ନୱାଡ଼ା ଜିଲ୍ଲାରେ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରିବେ । ପରେ ସେ ପାଟନାରେ ଏକ ରୋଡ୍‌ଶୋ'ରେ ଭାଗ ନେବେ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସେଓହର୍, ସୀତାମାଢ଼ି ଏବଂ ମଧୁବନୀରେ ୩ଟି ର୍‍ୟାଲିକୁ ସମ୍ବୋଧିତ କରିବେ ।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବେଗୁସରାଇରେ ଏକ ସାଧାରଣସଭାକୁ ସମ୍ବୋଧିତ କରିଛନ୍ତି । ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଆଜି ରାଜ୍ୟବ୍ୟାପୀ ୧୭ଟି ର୍‍ୟାଲିକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

---

# ଆକାଶବାଣୀ ସଙ୍ଗୀତ ସମ୍ମେଳନ

ଆକାଶବାଣୀ ସଙ୍ଗୀତ ସମ୍ମିଳନୀର ୬୭ତମ ସଂସ୍କରଣ ଆଜି ଦିଲ୍ଲୀ, ମୁମ୍ବାଇ ଏବଂ ଚେନ୍ନାଇରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଆରମ୍ଭ ହେବ। ମାସେ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶର ୨୪ଟି ସହରରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରଦର୍ଶନ କରାଯିବ । ଏହି କାର୍ଯ୍ୟକ୍ରମ ସଂସ୍କୃତି ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସହଯୋଗରେ ପ୍ରସାର ଭାରତୀ ଦ୍ୱାରା ଆୟୋଜିତ ହେଉଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କହିଛି, ୧୯୫୪ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଆକାଶବାଣୀ ସଙ୍ଗୀତ ସମ୍ମିଳନୀ ଭାରତର ସବୁଠାରୁ ସ୍ଥାୟୀ ଏବଂ ସମ୍ମାନଜନକ ସାଂସ୍କୃତିକ ପରମ୍ପରା ଭାବେ ବଜାୟ ରହିଛି । ଏହା ହିନ୍ଦୁସ୍ଥାନୀ, କର୍ଣ୍ଣାଟକୀ ଓ ଲଘୁ ଏବଂ ଲୋକସଙ୍ଗୀତର ସର୍ବୋତ୍ତମ ଧାରାଗୁଡ଼ିକୁ ସାରା ଦେଶର ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ ପରିକଳ୍ପନା କରାଯାଇଥିଲା ।

ଭାରତର ସମୃଦ୍ଧ ସଙ୍ଗୀତ ଐତିହ୍ୟକୁ ସଂରକ୍ଷଣ, ପ୍ରଚାର ଏବଂ ଲୋକପ୍ରିୟ କରିବାରେ ଆକାଶବାଣୀ ସଙ୍ଗୀତ ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

---

# କାନାଡା-କଣ୍ଡେମ୍ ଖଲିସ୍ତାନ

କାନାଡାର ଟରଣ୍ଟୋସ୍ଥିତ ଭାରତୀୟ ଦୂତାବାସ ବାହାରେ ଏକ ପ୍ରତିବାଦ ପ୍ରଦର୍ଶନକୁ କାନାଡା ନିନ୍ଦା କରିଛି । ସେଠାରେ ପ୍ରଦର୍ଶନକାରୀମାନେ ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଫଟୋ ଉପରକୁ ଦୁଇଜଣ ବ୍ୟକ୍ତି ଗୁଳି ଚଳାଉଥିବାର ଚିତ୍ର ପ୍ରଦର୍ଶିତ କରିଥିଲେ । ଅଧିକାରୀମାନେ ଏହାକୁ

ଗଣତନ୍ତ୍ର ପାଇଁ ବିପଦ ବୋଲି କହିବା ସହ ଏହା ଉପରେ ସ୍ୱଷ୍ଟତା ଦାବି କରିଥିଲେ । ଖଲିସ୍ତାନୀ ଆନ୍ଦୋଳନ ସହିତ ଜଡ଼ିତ ଶିଖ୍ ଉଗ୍ରବାଦୀ ଗୋଷ୍ଠୀ ଦ୍ୱାରା ଆୟୋଜିତ ଏହି ପ୍ରତିବାଦରେ ଖଲିସ୍ତାନୀ ପତାକା, ନକଲୀ ମୃତ୍ୟୁଦଣ୍ଡ ଏବଂ ଶ୍ରୀମତୀ ଗାନ୍ଧୀଙ୍କ ହତ୍ୟାକୁ ଉଲ୍ଲେଖ କରୁଥିବା ଚିତ୍ର ପ୍ରଦର୍ଶିତ ହୋଇଥିଲା ।

ଅନ୍ତର୍ଜାତୀୟ ବିକାଶ ମନ୍ତ୍ରୀ ରଣଦୀପ ଏସ୍. ସରାଇ କହିଛନ୍ତି, ଏପରି କାର୍ଯ୍ୟ ଗଣତନ୍ତ୍ରକୁ ଦୁର୍ବଳ କରିଥାଏ ଏବଂ କାନାଡାରେ ଏହାର କୌଣସି ସ୍ଥାନ ନାହିଁ । କାନାଡା-ଭାରତ ସଂପର୍କରେ ଉନ୍ନତି, ଉଚ୍ଚାୟୁକ୍ତଙ୍କ ପୁନଃନିଯୁକ୍ତି ଏବଂ ନୂତନ ସୁରକ୍ଷା ଆଲୋଚନା ମଧ୍ୟରେ ଏହି ଘଟଣା ସାମ୍ନାକୁ ଆସିଛି ।

---

## କ୍ରିକେଟ୍

ଆଇସିସି ମହିଳା ଏକଦିବସୀୟ ଅନ୍ତର୍ଜାତୀୟ ବିଶ୍ୱକପ୍-୨୦୨୫ର ଫାଇନାଲ୍ ମୁକାବିଲା ଭାରତ ଏବଂ ଦକ୍ଷିଣଆଫ୍ରିକା ମଧ୍ୟରେ ଖେଳାଯିବ । ଏହି ମ୍ୟାଚ୍ ନାଭୀ ମୁମ୍ବାଇର ଡି.ଓ୍ୱାଇ. ପାଟିଲ୍ ଷ୍ଟାଡିୟମରେ ଆଜି ଅପରାହ୍ଣ ୩ଟାରେ ଆରମ୍ଭ ହେବ । ଏ ସଂପର୍କରେ ଏକ ରିପୋର୍ଟ:

ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍-୨୦୨୫ର ତ୍ରୟୋଦଶ ସଂସ୍କରଣ ବେଶ୍ ରୋମାଞ୍ଚକ ହୋଇପଡ଼ିଛି । ଏଥର କ୍ରିକେଟ୍ ଦୁନିଆକୁ ମିଳିବ ନୂଆ ବିଶ୍ୱଚମ୍ପିୟାନ୍ । ଉଭୟ ଭାରତ ଏବଂ ଦକ୍ଷିଣ ଆଫ୍ରିକା ଅଦ୍ୟାବଧି ବିଶ୍ୱକପ୍ ବିଜୟର ସ୍ୱାଦ ଚାଖିପାରି ନାହାନ୍ତି । ମହିଳା ଦିନିକିଆ ବିଶ୍ୱକପ୍ ଇତିହାସରେ ଅଷ୍ଟ୍ରେଲିଆ ସର୍ବାଧିକ ୭ଥର, ଇଂଲଣ୍ଡ ୪ଥର ଏବଂ ନିଉଜିଲ୍ୟାଣ୍ଡ ଥରେ ବିଶ୍ୱକପ୍ ଜିତିଛନ୍ତି । ଭାରତ ୨୦୦୫ ଓ ୨୦୧୭ରେ ଫାଇନାଲ୍ ଖେଳିଥିଲେ ମଧ୍ୟ ନିରାଶାର ସାମ୍ନା କରିଛି । ୨୦୦୫ରେ

ଭାରତ' ଅଷ୍ଟ୍ରେଲିଆ ପାଖରୁ ୯୮ ରନ୍‌ରେ ଏବଂ ୨୦୧୭ରେ ଏକ ରୋମାଞ୍ଚକର ମୁକାବିଲାରେ ଇଂଲଣ୍ଡ ନିକଟରୁ ୯ ରନ୍‌ରେ ପରାସ୍ତ ହୋଇଥିଲା ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୧୨୫ ରନ୍‌ରେ ପରାସ୍ତ କରି ପ୍ରଥମଥର ପାଇଁ ଫାଇନାଲ୍‌ରେ ପହଞ୍ଚି ଥିବାବେଳେ ଭାରତ' ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି। ସେମିଫାଇନାଲ୍‌ରେ ଭାରତ ୩୩୯ ରନ୍‌ର ବିଶାଳ ବିଜୟଲକ୍ଷ୍ୟକୁ ପିଛା କରି ବିଜୟ ହାସଲ କରିବା ସହ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି । ୭ଥରର ବିଶ୍ୱ ଚାମ୍ପିୟାନ୍ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ଭାରତ ପାଇଁ ଏକ ବଡ଼ ଉପଲବ୍ଧି ହେବା ସହ ଖେଳାଳିମାନଙ୍କ ମନୋବଳ ଦୃଢ଼ ରହିଛି । ଉଭୟ ଦଳର ଖେଳାଳିମାନେ ଭଲ ଫର୍ମରେ ଥିବାରୁ ଆଜିର ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି କ୍ରୀଡ଼ାପ୍ରେମୀମାନେ ଆଶା କରୁଛନ୍ତି ।

*(ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସରିତା ସାହୁ)*

---

# ପୁରୁଷ ଟି-୨୦

ଅଷ୍ଟ୍ରେଲିଆ ଭାରତ ପୁରୁଷ ଟି-୨୦ ଶୃଙ୍ଖଳାର ତୃତୀୟ ମ୍ୟାଚ ମଧ୍ୟ ଅଷ୍ଟ୍ରେଲିଆର ହୋବାର୍ଟ ସ୍ଥିତ ନିଞ୍ଜା ଷ୍ଟାଡିୟମ୍‌ରେ ଜାରି ରହିଛି । ଭାରତ ଟସ୍ ଜିତି ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଛି। ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୨ ରନ୍ ସଂଗ୍ରହ କରିଛି ।

---